# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**18th May - 2024**

**News Editor : *Tapan Kumar Moharana***

************************************

***Desk***

## ସି.ଇ.ଓ. - ରାଜନୈତିକ ଦଳ ବୈଠକ

ରାଜ୍ୟରେ ହେବାକୁ ଥିବା ବାକି ୩ଟି ପର୍ଯ୍ୟାୟ ନିର୍ବାଚନରେ ସମସ୍ତ ସଖୀ ବୁଥ୍‌ରେ ମହିଳା ପୋଲିଂ ଏଜେଣ୍ଟଙ୍କୁ ନିଯୁକ୍ତି କରିବାପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ କରିଛନ୍ତି । ରାଜ୍ୟର ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଗତକାଲି ଭୁବନେଶ୍ୱରରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଧଳ କହିଛନ୍ତି, ରାଜନୈତିକ ଦଳ ଗୁଡ଼ିକ ପୋଲିଂ ଏଜେଣ୍ଟମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବେ । ନିର୍ବାଚନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତିର ଯେପରି ବ୍ୟାହତ ନ ହୁଏ, ସେଥିପାଇଁ ସବୁ ରାଜନୈତିକ ଦଳ ଏବଂ ପ୍ରଶାସନ ପକ୍ଷରୁ ଉଚିତ ପଦକ୍ଷେପ ଗ୍ରହଣ କରିବାପାଇଁ ଶ୍ରୀ ଧଳ କହିଛନ୍ତି ।

*Desk*

## ନିର୍ବାଚନ ପ୍ରଚାର

ରାଜ୍ୟରେ ଆଉ ୩ଟି ପର୍ଯ୍ୟାୟ ନିର୍ବାଚନପାଇଁ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ନିର୍ବାଚନୀ ପ୍ରଚାର ସରଗରମ ହୋଇଉଠିଛି । ବିଭିନ୍ନ ରାଜନୈତିକ ଦଳର ପୁରୁଖା ନେତାମନେ ଦେଳୀୟ ପ୍ରାର୍ଥୀଙ୍କ ପ୍ରଚାର ଲାଗି ଓଡ଼ିଶା ଆସି ଦଳୀୟ ପ୍ରଚାର କାର୍ଯ୍ୟରେ ଯୋଗ ଦେଉଛନ୍ତି । ଏହି କ୍ରମରେ ଆଜି ବି.ଜେ.ପି.ର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଧର୍ମେନ୍ଦ୍ର ପ୍ରଧାନ, ଭୁପେନ୍ଦ୍ର ଯାଦବ, ଦଳର ବରିଷ୍ଠ ନେତ୍ରୀ ହେମାମାଳିନୀ, ରାଜ୍ୟ ବି.ଜେ.ପି. ପ୍ରଭାରୀ ବିଜୟ ପାଲ୍ ସିଂହ ତୋମାର ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ବିଭିନ୍ନ ସ୍ଥାନରେ ପ୍ରଚାର କରିବେ ।

ସେହିଭଳି କଂଗ୍ରେସର ବରିଷ୍ଠ ନେତା ସଚିନ୍ ପାଇଲଟ୍ ବାଲେଶ୍ୱରଠାରେ ଦଳୀୟ କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଭୋଟରଙ୍କୁ ସମ୍ବୋଧନ କରିବେ ବୋଲି ଜଣାପଡ଼ିଛି ।

*Desk, Cuttack, Angul/R*

## ପ୍ରଧାନମନ୍ତ୍ରୀ - ଓଡ଼ିଶା ଗସ୍ତ

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଲାଗି ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ । ଆସନ୍ତା ସୋମବାର ଦିନ ଶ୍ରୀ ମୋଦି ପୁରୀ ଗସ୍ତରେ

ଯାଇ ଶ୍ରୀଜିଉଙ୍କୁ ଦର୍ଶନ କରିବା ପରେ ବଡ଼ଦାଣ୍ଡରେ ଏକ ନିର୍ବାଚନୀ ରୋଡ୍ ଶୋ'ରେ ଯୋଗଦେବେ । ସେହିଦିନ ପ୍ରଧାନମନ୍ତ୍ରୀ ଅନୁଗୁଳ ଯାଇ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେବା ପରେ ଅପରାହ୍ଣରେ କଟକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

***Desk***

# ବିଚାରପତି ବଦଳି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଜିଲ୍ଲା କ୍ୟାଡର୍‌ର ୭୩ ଜଣ ବିଚାରପତିଙ୍କର ବଦଳି ନେଇ ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସଞ୍ଜୟ ରଞ୍ଜନ ବହିଦାରଙ୍କୁ ସି.ବି.ଆଇ. କୋର୍ଟ-୧ ଭୁବନେଶ୍ୱରକୁ ବଦଳି କରଯାଇଛି । ଅନୁରୂପଭାବେ ଅନ୍ୟ ବିଚାରପତିମାନଙ୍କୁ ବିଭିନ୍ନ ଜିଲ୍ଲାକୁ ବଦଳି କରାଯାଇଛି ।

***Desk***

# କଳାକାର ଆବେଦନ

ରାଜ୍ୟର କଳାକାରମାନଙ୍କୁ ଦିଆଯାଉଥିବା ଆର୍ଥିକ ସହାୟତା ଯୋଜନାର ଆବଦେନ ଅବଧିକୁ ଆସନ୍ତା ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । କଳାକାରମାନେ ସେମାନଙ୍କର ଜିଲ୍ଲାଶ ସଂସ୍କୃତି କାର୍ଯ୍ୟାଳୟରେ ଆବେଦନ କରିପାରିବେ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ, କଳାକାର ସହାୟତା ଯୋଜନାରେ ସାମିଲ୍ ହେବାପାଇଁ ଆବେଦନ ଏପ୍ରିଲ୍ ମାସ ୩୦ ତାରିଖ ଥିଲା ।

***Desk***

## ପି.ଜି. ନାମଲେଖା

ଚଳିତ ବର୍ଷ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁସାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ୧୧୪ଟି ଶିକ୍ଷାନୁଷ୍ଠାନରେ ଚଳିତ ବର୍ଷ ୨୮ ହଜାର ୯୫୪ ପି.ଜି. ସିଟ୍‌ରେ ନାମ ଲେଖାଯିବ । ପୂର୍ବବର୍ଷ ତୁଳନାରେ ୧ ହଜାର ୧୩୮ଟି ପି.ଜି. ସିଟ୍‌ରେ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି । ଏହି ପ୍ରକ୍ରିୟାରେ ଚଳିତ ଥର ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟକୁ ସାମିଲ୍ କରାଯାଇଛି । ଏଥିଲାଗି ଆଜିଠାରୁ ଚଳିତ ମାସର ୨୭ ତାରିଖ୍‌ମଧ୍ୟରେ ଅନ୍‌ଲାଇନ୍‌ରେ ସାମ୍ସ୍ ପୋର୍ଟାଲ୍ ଜରିଆରେ ଆବେଦନ କରାଯାଇପାରିବ ।

***Desk***

## ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ

ସାଂସ୍କୃତିକ ବିନିମୟ, ସଂସ୍କୃତିର ସମୃଦ୍ଧି, ଆପୋଷ ବୁଝାମଣାର ବିକାଶ ଏବଂ ଲୋକଙ୍କ ମଧ୍ୟରେ ସହଯୋଗ ଓ ଶାନ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେଉଛି ସଂଗ୍ରହାଳୟ । ସଂଗ୍ରହାଳୟର ଗୁରୁତ୍ୱକୁ ଉପଲବ୍ଧି କରି ଜନ

ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ୧୯୭୭ ମସିହାଠାରୁ ପ୍ରତିବର୍ଷ ଆଜିର ଦିନକୁ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ଭାବେ ପାଳନ କରାଯାଉଛି । ମାନବ ଜସମାଜନକୁ ଜ୍ଞାନ ଦେବାରେ ଏବଂ ପୃଥିବୀକୁ ପରିବର୍ତ୍ତନ କରିବାର ଶକ୍ତି ସଂଗ୍ରହାଳୟର ରହିଛି । ସଂଗ୍ରହାଳୟରୁ ଅତୀତ ବିଷୟରେ ଶିକ୍ଷା ମିଳିବା ସହିତ ନୂଆ ବିଚାର ନିମନ୍ତେ ପଥ ଉନ୍ମୁକ୍ତ କରିଥାଏ । ଚଳିତ ବର୍ଷର ଅନ୍ତର୍ଜାତୀୟର ସଂଗ୍ରହାଳୟ ଦିବସର ବାର୍ତ୍ତା ରହିଛି "ଶିକ୍ଷା ଓ ଅନୁସନ୍ଧାନ ପାଇଁ ସଂଗ୍ରହାଳୟ" ।

***Desk***

# ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ

ରାଜ୍ୟର ଚତୁର୍ଥ ତଥା ଦେଶରେ ସପ୍ତମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଗତକାଲି ଥିଲା ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ। ନିର୍ବାଚନ ମଇଦାନରେ କେତେ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ, ସେ ସମ୍ବନ୍ଧରେ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ବିସ୍ତୃତ ତଥ୍ୟ ଆଜି ପ୍ରକାଶ ପାଇବାର ସମ୍ଭାବନା ଅଛି । ଏହି ପର୍ଯ୍ୟାୟରେ ଆସନ୍ତା ମାସ ପହିଲାରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୫୭ଟି ଲୋକସଭା ଆସନ ପାଇଁ ମତଦାନ ହେବ। ସପ୍ତମ ତଥା ଶେଷ ପର୍ଯ୍ୟାୟରେ ଓଡ଼ିଶାର ୬ଟି ଲୋକସଭା କ୍ଷେତ୍ରରେ ମତଦାନ ହେବ ।

***Sambalpur/R***

## ହୀରାକୁଦ

ହୀରାକୁଦ ବନ୍ୟା ନିୟନ୍ତ୍ରଣ କକ୍ଷ ଆସନ୍ତା ଜୁନ୍ ମାସ ପହିଲାରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ବର୍ଷାଋତୁରେ ହୀରାକୁଦ ଜଳଭଣ୍ଡାରୁ ଜଳ ନିଷ୍କାସନ ଠାରୁ ଆରମ୍ଭ କରି ଡ୍ୟାମ୍‌ର ଉପର ମୁଣ୍ଡରୁ ପାଣି ପ୍ରବାହିତ ସମ୍ପର୍କିତ ସମସ୍ତ ତଥ୍ୟ ସୂଚନା କେନ୍ଦ୍ରରୁ ମଳିପାରିବ । ନଦୀବନ୍ଧ କର୍ତ୍ତୃପକ୍ଷ ଏଥିନିମନ୍ତେ ଯୋଗାଯୋଗପାଇଁ ମୋବାଇଲ୍ ନମ୍ବର ୮୭୬୩୬ ୫୨୩୧୫ ଜାରି କରିଛନ୍ତି ।

***BBSR/R***

## ପାଣିପାଗ

ଉତ୍ତର ଓ ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ଓ ଗରମ ବାୟୁ ପ୍ରବାହ ବୃଦ୍ଧି ପାଉଥିବାରୁ ତାପମାତ୍ରା ବୃଦ୍ଧି ପାଉଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ଆସନ୍ତା ସୋମବାରଠାରୁ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ।

ପାଣିପାଗ ବିଭାଗ ସୂଚନା ଅନୁସାରେ ଆଜି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି ଏବଂ ନବରଙ୍ଗପୁରରେ କାଳବୈଶାଖୀର ସମ୍ଭାବନା ରହିଛି ।

*****